

# ଫେଡ଼ାଣ କରିବା



ପାଣି ପିଇବା ଆଶାରେ କାଉ,ଗୋଟିଏ ଗୋଟିଏ ଗୋଡ଼ି ନେଇ ମାଠିଆରେ ପକାଉଥିଲା । ତା'ର ନଜର ପଡ଼ିଲା ଏକ ମୁଣା ଉପରେ । ସେ ଭାବିଲା, ଗୋଟିଏ ଗୋଟିଏ ଗୋଡ଼ି ନେଇ ମାଠିଆରେ ପକାଇଲେ ଡେରି ହେବ । ମୁଣାରେ ଅଧିକ ଗୋଡ଼ି ନେଇ ପକାଇଲେ ପାଣି ଶୀଘ୍ର ଉପରକୁ ଉଠି ଆସିବ । ଆଉ ଡେରି ନ କରି ଏକାଥରକେ ୧୭ଟି ଗୋଡ଼ି ନେଇ ମାଠିଆ ମୁହଁରେ ତରତର ହୋଇ ଢାଳି ଦେଲା । ମୁଣାର ସବୁ ଗୋଡ଼ି ମାଠିଆ ଭିତରେ ନ ପଡ଼ି ୫ଟି ଗୋଡ଼ି ବାହାରେ ପଡ଼ିଲା । କାଉ ବହୁତ ମନ ଦୁଃଖ କଲା ।



କେତୋଟି ଗୋଡ଼ି ମାଠିଆ ଭିତରେ ପଡ଼ିଲା ? – ସେ ଟିକେ ଭାବିଲା । ପେଚା ଏସବୁ ଦେଖୁଥିଲା । ସେ ଭାବିଲା– ବୋକା କାଉ ଫେଡ଼ାଣ କଲେ ଜାଣିପାରିବ ।

ଏବେ ତମେ କହ–

- କାଉ ମୁଣାରେ କେତୋଟି ଗୋଡ଼ି ଆଣିଥିଲା ?
- କେତୋଟି ଗୋଡ଼ି ମାଠିଆ ବାହାରେ ପଡ଼ିଲା ?
- କେତୋଟି ଗୋଡ଼ି ମାଠିଆ ଭିତରେ ପଡ଼ିଲା ?

**ଶିକ୍ଷକଙ୍କ ପାଇଁ ସୂଚନା :** ଏହି ପ୍ରଶ୍ନଗୁଡ଼ିକ ପଚାରି ଆଲୋଚନା କରିବା ସମୟରେ ପ୍ରକୃତ ଗୋଡ଼ି ଆଣି ଫେଡ଼ାଣ କିପରି କରାଯାଏ, ତାହା ବୁଝାଇବେ ।

ଆସ ଦେଖିବା, କିପରି ମାଠିଆ ଭିତରେ ପଡ଼ିଥିବା ଗୋଡ଼ି ସଂଖ୍ୟା ଜଣାପଡ଼ିବ ।



ମୁଣାରେ ଗୋଡ଼ି ଥିଲା ୧୭ ଟି = ୧ ଦଶ ୭ ଏକ

ମାଠିଆ ବାହାରେ ଗୋଡ଼ି ପଡ଼ିଲା ୫ ଟି = ୫ ଏକ

**ପ୍ରଥମ ସୋପାନ – (ଏକକ ଘର ଅଙ୍କର ଫେଡ଼ାଣ)**

୧୭ ର ଏକକ ଘରେ ୭ ଅଙ୍କ ଅଛି ।

ଫେଡ଼ାଯାଉଥିବା ସଂଖ୍ୟାର ଏକକ ଘରେ ୫ ଅଙ୍କ ଅଛି ।

ତେଣୁ ୭ ଏକରୁ ୫ ଏକ ଗଲେ ବଳିବ ୨ ଏକ ।

| ଦଶକ | ଏକକ |
|---|---|
| ୧ | ୭ |
| – | ୫ |
| | ୨ |

**ଦ୍ୱିତୀୟ ସୋପାନ– (ଦଶକ ଘର ଅଙ୍କର ବିୟୋଗ)**

ସେହିଭଳି– ୧୭ର ଦଶକ ଘରେ ୧ ଅଙ୍କ ଅଛି
୫ର ଦଶକ ଘରେ କିଛି ନାହିଁ

ତେଣୁ ୧୫ର ଦଶକ ଘରେ ଥିବା ଅଙ୍କରୁ କିଛି ଫେଡ଼ା ଗଲା ନାହିଁ।
ଦଶକ ଘର ଫେଡ଼ାଣ ଫଳ ହେଲା– ୧
ଶେଷରେ ଫେଡ଼ାଣ ଫଳ ପାଇଲେ = ୧ ଦଶ ୨ ଏକ ବା ୧୨

| ଦଶକ | ଏକକ |
|---|---|
| ୧ | ୭ |
| – | ୫ |
| ୧ | ୨ |

● ତୁମ ମାଆ ବାଡ଼ି ଗଛରୁ କିଛି ଆମ୍ବ ତୋଳି ରଖିଥିଲେ। ଦିନେ ଦେଖିବା ବେଳକୁ ସେଥିରୁ ୧୫ଟି ଆମ୍ବ ପଚି ନଷ୍ଟ ହୋଇଯାଇଛି। ତେବେ କେତୋଟି ଆମ୍ବ ଭଲ ଅଛି ?




| | | | | | | | |
|---|---|---|---|---|---|---|---|
| ମାଆ ରଖିଥିବା ଆମ୍ବ ସଂଖ୍ୟା | = | | = | | ଦଶ | | ଏକ |
| ପଚି ନଷ୍ଟ ହୋଇଯିବା ଆମ୍ବ ସଂଖ୍ୟା | = | | = | | ଦଶ | | ଏକ |
| ଭଲ ଆମ୍ବ ସଂଖ୍ୟା | = | | = | | ଦଶ | | ଏକ |

ଆମେ ଜାଣିଲେ, ଫେଡ଼ାଣ କଲାବେଳେ ପ୍ରଥମେ ଏକକ ଘର ଅଙ୍କମାନଙ୍କର ଫେଡ଼ାଣ କରାଯାଏ, ତା' ପରେ ଦଶକ ଘରେ ଥିବା ଅଙ୍କର ଫେଡ଼ାଣ କରାଯାଏ।

**ଶିକ୍ଷକଙ୍କ ପାଇଁ ସୂଚନା:** ଏହିପରି ଅଧିକ ଉଦାହରଣ ଦେଇ ଫେଡ଼ାଣ କାର୍ଯ୍ୟର ଅଭ୍ୟାସ କରାଇବେ । ଅଧିକ ଅଭ୍ୟାସ କରିବା ପରେ ମନେ ମନେ ହିସାବ କରି ଫେଡ଼ାଣ କରିବା ଦକ୍ଷତାର ବିକାଶ ହେବ ।

ଜଣେ ବୁଢ଼ୀ ମାଉସୀ ଟୋକେଇରେ ୩୨ଟି କଦଳୀ ଧରି ହାଟରୁ ଘରକୁ ଫେରୁଥିଲା। ଖରାରେ ତାକୁ ହାଲିଆ ଲାଗିବାରୁ ଟୋକେଇକୁ ରଖି ଗଛମୂଳରେ ବିଶ୍ରାମ ନେଲା। ବସୁବସୁ ତାକୁ ନିଦ ଆସିଗଲା। ଏତିକି ବେଳେ ମାଙ୍କଡ଼ଟିଏ ଆସି ଟୋକେଇରୁ କଦଳୀ ଖାଇବାକୁ ମନକଲା। ଖସ୍‌ଖସ୍ ଶବ୍ଦରେ ବୁଢ଼ୀର ନିଦ



ଭାଙ୍ଗିଗଲା । ଏହା ଦେଖି ମାଙ୍କଡ଼ ୧୫ଟି କଦଳୀଥିବା ଏକ ଫେଣା ଧରି ଗଛକୁ ଡିଆଁ ମାରିଲା । ତେବେ କହିଲ, ବୁଢ଼ୀ ମାଉସୀ କେତୋଟି କଦଳୀ ଧରି ଘରକୁ ଫେରୁଥିଲା ?

ଟୋକେଇରେ ଥିବା କଦଳୀ ସଂଖ୍ୟା = ୩୨



ମାଙ୍କଡ଼ ନେଇଥିବା କଦଳୀ ସଂଖ୍ୟା = ୧୫



୩୨ ର ଏକକ ଘର ଅଙ୍କଟି କେତେ ? ______

୧୫ର ଏକକ ଘର ଅଙ୍କଟି କେତେ ? ______

୨ ଏକରୁ ୫ ଏକ ଫେଡ଼ାଣ କରି ହେବ ନାହିଁ । ତେବେ କ'ଣ କରିବା ?

ଦଶକ ଘରୁ ୧ ଦଶ ଧାର ଆଣିବା ଓ ଏକକ ଘର ଅଙ୍କରେ ମିଶାଇ ଦେବା ।

୧ ଦଶ ଓ ୨ ଏକ = ୧୦ ଏକ ଓ ୨ ଏକ = ____ ଏକ

ଏବେ ୧୨ ଏକରୁ ୫ ଏକ ବିୟୋଗ କଲେ = ୧୨ ଏକ - ୫ ଏକ = ____ ଏକ

୩୨ର ଦଶକ ଘରେ ଥିବା ୩ ଦଶରୁ ପୂର୍ବରୁ ୧ ଦଶକୁ ଏକକ ଘରକୁ ନିଆଯାଇଥିଲା, ତେଣୁ ସେଠାରେ ବଳକା ଥିଲା ୨ ଦଶ । ୨ଦଶରୁ ୧ ଦଶ ଫେଡ଼ିଲେ = ୨ ଦଶ - ୧ଦଶ = ____ ଦଶ

ଏହାକୁ କିପରି ଲେଖିବା ?

| ଦଶକ | ଏକକ |
|---|---|
| ୩ | ୨ |
| - ୧ | ୫ |
| | |

| ଦଶକ | ଏକକ |
|---|---|
| (୨) | ୧୦ |
| ~~୩~~ | ୨ |
| - ୧ | ୫ |
| | ୭ |

| ଦଶକ | ଏକକ |
|---|---|
| (୨) | (୧୨) |
| ~~୩~~ | ~~୨~~ |
| - ୧ | ୫ |
| = ୧ | ୭ |
| = ୧୭ | |

**ଉଦାହରଣ–** ଆୟେଶା ତୁମ ପରି ଦ୍ୱିତୀୟ ଶ୍ରେଣୀରେ ପାଠ ପଢେ। ଥରେ ବାପା ପଚାରିଲେ, "ତୁମ ଶ୍ରେଣୀରେ କେତେ ଜଣ ବାଳକ ଅଛନ୍ତି ?" ସେ ଶ୍ରେଣୀର ମୋଟ୍ ୪୫ ଜଣ ପିଲାଙ୍କ ମଧ୍ୟରୁ ୩୨ ଜଣ ବାଳିକା ।



**ସମାଧାନ :**

| | | | | | | |
|---|---|---|---|---|---|---|
| ଶ୍ରେଣୀର ମୋଟ ପିଲା ସଂଖ୍ୟା = | | ଜଣ = | | ଦଶ | | ଏକ |
| ବାଳିକାଙ୍କ ସଂଖ୍ୟା = | – | ଜଣ = | | ଦଶ | | ଏକ |
| ବାଳକଙ୍କ ସଂଖ୍ୟା = | | ଜଣ = | | ଦଶ | | ଏକ |

∴ ସେହି ଶ୍ରେଣୀରେ ବାଳକଙ୍କ ସଂଖ୍ୟା ହେଉଛି ——— ।

## ଅଭ୍ୟାସ କାର୍ଯ୍ୟ

୧. ଫେଡ଼ାଣଫଳ ଖାଲି ସ୍ଥାନରେ ଲେଖ ।

(କ) ୧୪ −୨ ______

(ଖ) ୧୭ −୪ ______

(ଗ) ୨୬ −୫ ______

(ଘ) ୩୮ −୬ ______

(ଙ) ୫୪ −୪ ______

(ଚ) ୮୯ −୭ ______

୨. ଖାଲି ସ୍ଥାନରେ ଉତ୍ତର ଲେଖ ।

(କ) ୧୪ − ୧୨ ______

(ଖ) ୧୯ − ୧୩ ______

(ଗ) ୨୭ − ୧୬ ______

୩. ବିୟୋଗ କରି ଉତ୍ତର ଲେଖ ।

(କ) ୧୧ − ୭ = ______

(ଖ) ୧୬ − ୯ = ______

(ଗ) ୨୭ − ୧୯ = ______

(ଘ) ୩୫ − ୧୮ = ______

(ଙ) ୫୦ − ୧୫ = ______

(ଚ) ୭୨ − ୩୩ = ______

୪. ଖାଲି ସ୍ଥାନ ପୂରଣ କର ।

(କ) ୨୦, ୧୮, ୧୬, ୧୪, ୧୨, ______, ______,

(ଖ) ୨୪, ୨୧, ୧୮, ୧୫, ୧୨, ______, ______,


(ଗ) ୪୫, ୪୦, ୩୫, ______, ______, ______,

(ଘ) ୮୦, ୭୦, ୬୦, ______, ______, ______,


୫. କଲମ ସହିତ ଠିକ୍ କ୍ୟାପ୍‌ଟି ଯୋଗ କର ।

| 'କ' ସ୍ତମ୍ଭ | "ଖ' ସ୍ତମ୍ଭ |
|---|---|
| ୪୯ − ୭ | ୪୧ |
| ୫୭ − ୫ | ୮୦ |
| ୮୯ − ୯ | ୩୨ |
| ୬୩ − ୩୧ | ୪୨ |
| ୮୪ − ୪୨ | ୪୨ |
| ୭୭ − ୩୬ | ୫୨ |

୬. କେଉଁ ବ୍ୟାଟ୍‌ର କେଉଁ ବଲ୍ ।




୭. ଦିନେ କ୍ରିକେଟ୍ ଖେଳରେ ହରିଣ, ଠେକୁଆ, ଜିରାଫ, ବିଲୁଆ ଓ ମାଙ୍କଡ଼ ଖେଳୁଥିଲେ । ଦୁଇଟି ଇନିଂସ୍‌ରେ ପ୍ରତ୍ୟେକ କରିଥିବା ରନ୍‌କୁ କାର୍ଡ଼ରେ ଲେଖାଯାଇଥିଲା । ମାଙ୍କଡ଼ ଖେଳରେ ହାରିଗଲା । ସେ ଖୁବ୍ ଜୋର୍‌ରେ ରାଗିଗଲା । ରାଗରେ କିଛି ସ୍ଥାନକୁ ଘଷି ଲିଭାଇ ଦେଲା । ଆସ, ସେଠାରେ କ'ଣ ଲେଖାଥିଲା ଲେଖିଦେବା ।



୮. ଦେଖାଇ ଦିଆଯାଇଥିବା ପରି ଖାଲି ଘରଗୁଡ଼ିକ ପୂରଣ କର ।

| - | ୫୮ | ୪୧ | ୭୭ | ୩୨ | ୪୦ | ୬୭ | ୭୪ |
|---|---|---|---|---|---|---|---|
| ୭ | ୫୧ | | | | | | ୬୭ |
| ୬ | | ୩୫ | | | | | |
| ୮ | | | | | | | |
| ୯ | | | | | | | |
| ୫ | | | | | | | |
| ୩ | | | | | | | |
| ୪ | | | | | | | |

୯. କାହାର ଟୋପି କିଏ ଗାର ଟାଣି ଦେଖାଅ ।


୩୨-୧୪


୪୩-୨୮


୫୭-୧୯


୬୫-୩୭


୭୮-୨୯















୧୦. ଯେ କୌଣସି ଦୁଇଟି ଘରର ଅଙ୍କକୁ ନେଇ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର । ସବୁଠାରୁ ବଡ଼ ସଂଖ୍ୟାରୁ ସବୁଠାରୁ ସାନ ସଂଖ୍ୟାକୁ ଫେଡ଼ ।

| | |
|---|---|
| ୨ | ୩ |
| ୫ | ୬ |

୧୧. ଗୋଟିଏ ଗଛରେ ୪୫ଟି ନଡ଼ିଆ ଥିଲା । ୮ଟି ନଡ଼ିଆ ଝଡ଼ି ପଡ଼ିଲା । ସେ ଗଛରେ ଆଉ କେତୋଟି ନଡ଼ିଆ ରହିଲା ?



**ସମାଧାନ-** ଗଛରେ ଥିବା ନଡ଼ିଆ ସଂଖ୍ୟା = [ ୪୫ ]

ଝଡ଼ି ଥିବା ନଡ଼ିଆ ସଂଖ୍ୟା = [ ]

---

ଅବଶିଷ୍ଟ ଗଛରେ ଥିବା ନଡ଼ିଆ ସଂଖ୍ୟା = [ ] - [ ] = [ ]

∴ ସେ ଗଛରେ ଆଉ [ ] ଟି ନଡ଼ିଆ ରହିଲା ।




୧୨. ଗୋଟିଏ ଶ୍ରେଣୀରେ ୪୨ ଜଣ ପିଲା ପଢ଼ନ୍ତି । ବର୍ଷା ହେବାରୁ ୨୯ ଜଣ ପିଲା ଆସିଥିଲେ । ସେ ଦିନ କେତେ ପିଲା ବିଦ୍ୟାଳୟକୁ ଆସି ନ ଥିଲେ ?

**ସମାଧାନ-** ଶ୍ରେଣୀର ପିଲାସଂଖ୍ୟା = [ ]

ଆସିଥିବା ପିଲା ସଂଖ୍ୟା = [ ]

ଆସି ନ ଥିବା ପିଲା ସଂଖ୍ୟା = [ ] - [ ] = [ ]

∴ ସେଦିନ [ ] ଜଣ ପିଲା ବିଦ୍ୟାଳୟକୁ ଆସି ନ ଥିଲେ ।

୧୩. ମନେ ମନେ ହିସାବ କରି ଉତ୍ତର କହ ଓ ପରେ ଡାହାଣ ପାଖରେ ଲେଖ ।

(କ) ରାଧା ପାଖରେ ୧୫ଟି କୋଳି ଥିଲା । ରେଣୁ ସେଥିରୁ ୪ଟି କୋଳି ଖାଇଦେଲା । ରାଧା ପାଖରେ କେତୋଟି କୋଳି ରହିଲା ? ____________

(ଖ) ତୁଳସୀର ବୟସ ୩୪ ବର୍ଷ । ମାଧବୀର ବୟସ ୩୯ ବର୍ଷ । ମାଧବୀ ତୁଳସୀ ଠାରୁ କେତେ ବର୍ଷ ବଡ଼ ? ____________

(ଗ) ମାଆ ୧୪ଟି ପିଠା ତିଆରି କରିଥିଲେ । ତୁମେ ସେଥିରୁ ୬ଟି ପିଠା ଖାଇଦେଲ । ଆଉ କେତୋଟି ପିଠା ରହିଲା ? __________

(ଘ) ଜଣେ ମାଛବାଲା ପାଖରେ ୪୨ଟି ମାଛ ଥିଲା । ସେଥିରୁ କିଛି ମାଛ ବିକ୍ରି ହୋଇଗଲା । ଶେଷରେ ୨୫ଟି ମାଛ ରହିଲା । ତେବେ କେତୋଟି ମାଛ ବିକ୍ରି ହୋଇଥିଲା ? __________

(ଙ) ଗୋଟିଏ ବେଲୁନ୍‌ବାଲା ପାଖରେ ୩୩ଟି ବେଲୁନ୍ ଥିଲା । ସେଥିରୁ ୭ଟି ବେଲୁନ୍ ଫାଟିଗଲା । ଆଉ କେତୋଟି ଭଲ ବେଲୁନ୍ ରହିଲା ? __________

(ଚ) ଦୀପାବଳି ଦିନ ତୁମ ଘର ବାରଣ୍ଡାରେ ୪୭ଟି ମହମବତୀ ଜଳୁଥିଲା । ଶେଷରେ ଦେଖିବାରୁ ୨୫ଟି ବତୀ ଜଳୁଛି । ତେବେ କେତୋଟି ବତୀ ଲିଭିଯାଇଥିଲା ? __________

(ଛ) ଗୋଟିଏ ଅଣ୍ଡା ବିକାଳି ପାଖରେ ୨୦ଟି ଅଣ୍ଡା ଥିଲା । ସେଥିରୁ ୧୦ଟି ଅଣ୍ଡା ବିକ୍ରି ହୋଇଗଲା । କେତୋଟି ଅଣ୍ଡା ବଳକା ରହିଲା ? __________

**୧୪. ଯୋଗ ବା ବିୟୋଗ ମଧ୍ୟରୁ କେଉଁ କାମ କରିବାକୁ ପଡ଼ିବ ଲେଖ ।**

(କ) ଗୋଟିଏ ବସ୍‌ରେ କିଛି ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ମହିଳା ଥିଲେ । ତେବେ କେତେ ଜଣ ପୁରୁଷ ଥିଲେ ? __________

(ଖ) ସରୋଜ ପାଖରେ କେତେ ଖଣ୍ଡ ବହି ଥିଲା । ମଦନ ପାଖରେ ତା' ଠାରୁ କିଛି ବହି ଅଧିକ ଥିଲା । ତେବେ ମଦନ ପାଖରେ କେତେ ଖଣ୍ଡ ବହି ଥିଲା ? __________

(ଗ) ରୂପା ପାଖରେ କିଛି ଚକୋଲେଟ୍ ଥିଲା । ତା' ଭାଇ ସେଥିରୁ କେତୋଟି ଖାଇଥିଲା । ତା' ପାଖରେ କେତୋଟି ଚକୋଲେଟ ରହିଲା ? __________

(ଘ) ପାଠାଗାରରେ କେତେକ ଗପ ବହି ଥିଲା । ପୁଣି ଆଉ କେତେଗୁଡ଼ିଏ ବହି କିଣାହୋଇ ଆସିଲା । ତେବେ ସେଠାରେ ମୋଟ୍‌ରେ କେତେ ବହି ହେଲା ? __________



**ଶିକ୍ଷକଙ୍କ ପାଇଁ ସୂଚନା:** ମୌଖିକ ପ୍ରଶ୍ନର ଉତ୍ତର ଦେବା ବେଳେ ପିଲାମାନେ ଖାତା ଓ ପେନ୍‌ସିଲ୍‌ର ସାହାଯ୍ୟ ନେବେ ନାହିଁ । ଉତ୍ତର ବାହାର କରିବା ପାଇଁ ସେମାନେ କ'ଣ କଲେ ତାହା ବୁଝାଇ ପାରୁଥିବେ ।